## ସୁନା ଚେନ୍ ଲୁଟ୍

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରୁ ଦୁର୍ବୃତ୍ତମାନେ ଜଣେ ମହିଳାଙ୍କଠାରୁ ସୁନା ଚେନ୍ ଲୁଟି ନେଇଛନ୍ତି। ଖବର ପାଇ ପୋଲିସ ରୋଡ୍ ବ୍ଲକ କରି ତନାଘନା ଚଳାଇଛି। ସୂଚନା ଅନୁଯାୟୀ, ଧାମନଗର ବ୍ଲକ ଆନନ୍ଦପୁର ଗାଁର ବନିତା ସାହୁ ଗୁରୁବାର ସନ୍ଧ୍ୟାରେ କୌଣସି କାର୍ଯ୍ୟରେ ଧାମନଗର ଆସୁଥିବା ବେଳେ ଲୁଟର ଶିକାର ହୋଇଥିଲେ।

## ସଂକ୍ଷେପରେ

### ଚଢ଼େଇ ଧରିବାକୁ ଯାଇ ଜୀବନ ଗଲା

କୁଆମରା,୨।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଚାପଲଡିହି ଗ୍ରାମର ଜଣେ ଯୁବକ ଚଢ଼େଇ ଧରିବାକୁ ଯାଇ ଗଛରୁ ପଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଡାଟୁ ହାଁସଦାଙ୍କ ପୁଅ ମଙ୍ଗଲ (୨୩)। ସେ ଗ୍ରାମ ନିକଟସ୍ଥ ବର ଗଛରେ ଚଢ଼େଇ ଧରିବାକୁ ବୁଧବାର ସନ୍ଧ୍ୟାରେ ଚଢ଼ିଥିବା ବେଳେ ଅସାବଧାନତା ଯୋଗୁ ତଳକୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୪/୨୧) ରୁଜୁ ହୋଇଛି।

### ଚୋରି ଘଟଣାରେ ୬ ଗିରଫ

ଭଣ୍ଡାରିପୋଖରୀ, ୨।୧୨ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ଜଗନ୍ନାଥବଜାରରୁ ଗତ ୧୩ ତାରିଖ ଶନିବାର ବିଳମ୍ବିତ ରାତିରେ ଚୋର ମାନେ ୪ ଦୋକାନର ସ୍କାଏଲାଇଟ ଭାଙ୍ଗି ମୋବାଇଲ ଦୋକାନ, ଲୁଗା ଦୋକାନ, ଜୋତା ଦୋକାନ ଓ ଗୋଟିଏ ଗ୍ରାହକ ସେବା କେନ୍ଦ୍ରରୁ ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିଲେ। ପୋଲିସ ଏନେଇ ଏକ ମାମଲା (ନଂ ୩୫୬/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଚୋରି ହୋଇଥିବା ଘଟଣାରେ ଭଣ୍ଡାରିପୋଖରୀ ପୋଲିସ ସମ୍ପୃକ୍ତ ୬ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ବାପୁନ ସିଂ, ଚନ ମୁଣ୍ଡା, ଟୁଟୁ ମାରାଣ୍ଡି, ବାପୁନ ମୁଣ୍ଡା, ମଙ୍ଗୁ ମୁଣ୍ଡା ଓ ସୁବ୍ରତ ବବଙ୍ଗା। ଗିରଫ ଡକାୟତଙ୍କ ଠାରୁ ୨୨ଟି ମୋବାଇଲ, ପାୱାର ବ୍ୟାଙ୍କ ୩ଟି, ୨ ଲାପଟପ୍ ଆଦି ସାମଗ୍ରୀ ଜବତ କରାଯାଇଛି। ଡକାୟତ ମାନେ ମୟୂରଭଞ୍ଜର ହୋଇଥିବା ବେଳେ ସେମାନେ ଭଦ୍ରକ ଜିଲାରେ ରହି କାମଧନ୍ଦା କରୁଥିଲେ।

### ଭାରତ କୁକିଂ କୋଲ୍ ଲିଃ ବୋର୍ଡର ଡାଇରେକ୍ଟର ହେଲେ ସତ୍ୟବ୍ରତ

କେନ୍ଦୁଝର, ୨।୧୨(ସ୍ୱ.ପ୍ର.): ବରିଷ୍ଠ ଭାଜପା ନେତା ତଥା ରାଜ୍ୟ ପ୍ରବକ୍ତା ସତ୍ୟବ୍ରତ ପଣ୍ଡା ଭାରତ କୁକିଂ କୋଲ ଲିଃ ବୋର୍ଡ ଅଫ୍ ଡାଇରେକ୍ଟରରେ ସାଧୀନ ଡାଇରେକ୍ଟର ଭାବେ ନିଯୁକ୍ତି ପାଇଛନ୍ତି। କେନ୍ଦ୍ର ସରକାରଙ୍କ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଏହା ଜଣାପଡ଼ିଛି। ସେ ତିନି ବର୍ଷ ପାଇଁ ଏହି ପଦବୀରେ ରହିବେ। ଏଥି ପାଇଁ ସେ ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଥା ରାଜ୍ୟ ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସ୍ୱାବଲମ୍ବୀ ପାଇଁ ତାଲିମ

ଝୁମ୍ପୁରା, ୨।୧୨ (ଡି.ଏନ.ଏ.): ନେହେରୁ ଯୁବକେନ୍ଦ୍ର, କେନ୍ଦୁଝର ଓ ସଦ୍‌ଭାବନା ସେଚ୍ଛାସେବୀ ଅନୁଷ୍ଠାନର ମିଳିତ ଉଦ୍ୟମ ଓ କେନ୍ଦ୍ର ସରକାରଙ୍କର ଅନୁଦାନରେ କେନ୍ଦୁଝର ଜିଲାର ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନହବେଡା ପଞ୍ଚାୟତରେ ଏକ ଧନ୍ଦାମୂଳକ ତିନି ମାସିଆ ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସଦ୍‌ଭାବନା ଅନୁଷ୍ଠାନର ଉପଦେଷ୍ଟା ତଥା ଅବସର ପ୍ରାପ୍ତ ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ପ୍ରମୋଦ ଦାସ ଅତିଥି ଭାବେ ଯୋଗ ଦେଇ ଧନ୍ଦାମୂଳକ ତାଲିମ ପରେ ଯୁବତୀଯୁବକମାନେ କିପରି ସ୍ୱାବଲମ୍ବୀ ହୋବ ତାହା ହିଁ ଏହି ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ତୁଳସୀ ମହାନ୍ତ, ପୂର୍ବତନ ନାଏବ ସରପଞ୍ଚ ମାଳତୀ ମହାନ୍ତଙ୍କ ସମେତ ବହୁ ଯୁବତୀଯୁବକ ଉପସ୍ଥିତ ଥିଲେ।

# ସହରାଞ୍ଚଳ ଏଲ୍‌ଇଡି ଲାଇଟ୍ ଲଗାରେ ଦୁର୍ନୀତି

## ଲୋକାୟୁକ୍ତଙ୍କଠାରେ ଅଭିଯୋଗ

**କେନ୍ଦୁଝର, ୨।୧୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା କେନ୍ଦୁଝରଗଡ, ଆନନ୍ଦପୁର, ବଡବିଲ, ଯୋଡ଼ା ପୌରପାଳିକା ଓ ଚମ୍ପୁଆ ଏନ୍‌ଏସିରେ ନ୍ୟାଶନାଲ ପ୍ରୋଗ୍ରାମ (ଏସ୍‌ଏନ୍‌ଏଲପି)ରେ ଏଲ୍‌ଇଡି ଷ୍ଟ୍ରୀଟ୍ ଲାଇଟ ଲଗାଇବା ନାଁରେ ପାଖାପାଖି ୩ କୋଟି ଟଙ୍କା ଦୁର୍ନୀତି ହୋଇଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏନେଇ ଲୋକାୟୁକ୍ତଙ୍କ ଆଗରେ ତଥ୍ୟ ରଖିଛନ୍ତି। ଏହି ଅଭିଯୋଗକୁ ଲୋକୟୁକ୍ତ ଡାଏରୀ ନମ୍ବର ୫୭୩୯ରେ ଗ୍ରହଣ କରିଥିବା ସୂଚନା ମିଳିଛି। ଏଥିରେ ପ୍ରମୁଖ ଶାସନ ସଚିବ, ସହରାଞ୍ଚଳ ଗୃହ ଓ ସହରାଞ୍ଚଳ ବିକାଶ ବିଭାଗର ଶାସନ ସଚିବ ଜି.ଏମ.ବର୍ଥନାନ, ଜିଲାପାଳ ଆଶୀଷ ଠାକ୍‌ରେ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାଷୀନାଥ ମୁର୍ମୁ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, ଆନନ୍ଦପୁର ପୌରପାଳିକା ନିର୍ବାହୀ ଅଧିକାରୀ ବିପିନ କୁମାର ପ୍ରଧାନ, ଯୋଡ଼ା ନିର୍ବାହୀ ଅଧିକାରୀ ବିଚିତ୍ରା ନନ୍ଦ ନାୟକ, ବଡବିଲ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଚମ୍ପୁଆ ଏନ୍‌ଏସିର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାଙ୍କ ସମେତ କାମ କରୁଥିବା ସଂସ୍ଥା ଏନର୍ଜି ଏଫିସେନ୍ସି ସର୍ଭିସ ଲିଃ(ଇଇଏସଏଲ)ର ନିର୍ଦ୍ଦେଶକ ତଥା ଆସ୍ଥା ଇଲେକ୍ଟ୍ରିକାଲସର ଏମ୍‌ଡିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ପ୍ରକାଶ ଯେ, ୨୦୧୫ ଜାନୁୟାରୀରେ ପ୍ରଧାନମନ୍ତ୍ରୀ ଏସ୍‌ଏନ୍‌ଏଲପି ପ୍ରୋଗ୍ରାମର ଉଦ୍‌ଘାଟନ କରିଥିଲେ। ସହରାଞ୍ଚଳ ରାସ୍ତାରେ ଉଜ୍ଜ୍ୱଳ ଆଲୋକ ପ୍ରଦାନ ସହିତ ବିଦ୍ୟୁତ୍ ସଞ୍ଚୟ କରିବା ପାଇଁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।



କେନ୍ଦୁଝର ଜିଲାରେ ଏହି କାମ ଇଇଏସ୍‌ଏଲ୍ ସଂସ୍ଥା ନେଇଥିବାବେଳେ ଜିଲାରେ ରକ୍ଷଣାବେକ୍ଷଣ କାମ ଆସ୍ଥା ଇଲେକ୍ଟ୍ରିକାଲ ସଂସ୍ଥା କରୁଛି। ଏହା ଦ୍ୱାରା ୫୦% ବିଦ୍ୟୁତ୍ ବିଲ ହ୍ରାସ ପାଇବ ଏବଂ ୯୫% ଉଜ୍ଜ୍ୱଳ ବିଦ୍ୟୁତ ମିଳିପାରିବ। ତେବେ କାମ ନ ହୋଇ ଏବଂ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଚୁକ୍ତି ଖିଲାପ କରି ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବାରୁ ପୌରାଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଦେଖାଦେଇ ଅନେକ ଅଞ୍ଚଳ ଅନ୍ଧାର ରହୁଛି। ଏ ନେଇ ତଦନ୍ତ କରିବା ସହ ସମସ୍ତ କାମର ସ୍ୱତନ୍ତ୍ର ଅଡିଟ କରିବା ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୂଚନାଧିକାର କର୍ମୀ ନାୟକ ଲୋକୟୁକ୍ତଙ୍କ ନିକଟରେ ନିବେଦନ କରିଥିବା କହିଛନ୍ତି।

# ଗ୍ରାହକଙ୍କୁ ଆକୃଷ୍ଟ କରୁଛି କନକ ଜୁଏଲେରି




**କେନ୍ଦୁଝର, ୨।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ମହକୁମାରେ ଗତ ୫୦ବର୍ଷରୁ ଅଧିକ ସମୟ ଧରି ସୁନା ବ୍ୟବସାୟରେ ନିଜର ବିଶ୍ୱସନୀୟତା ଓ ଉପଯୁକ୍ତ ସେବା ପାଇଁ ଗ୍ରାହକଙ୍କର ଆସ୍ଥାଭାଜନ ହୋଇ ରହିଛି କନକ ଜୁଏଲେରି। ସୁନା ଓ ରୁପା ଅଳଙ୍କାର ତିଆରି କରି ଏହାକୁ ବିକ୍ରି କରିବାରେ କେନ୍ଦୁଝର ସହରର ସ୍ଥାନୀୟ ବାସୀନ୍ଦା ଜିତେନ୍ଦ୍ର କୁମାର ସାହୁ ତାଙ୍କ ପ୍ରତିଷ୍ଠାନ ଶୁଦ୍ଧତା ଓ ସାଧୁତାକୁ ପ୍ରାଥମିକତା ଦେଇଥାନ୍ତି ବୋଲି ପ୍ରକାଶ କରିଛନ୍ତି। ଗତ ଦୁଇବର୍ଷ ଧରି କରୋନା ମହାମାରୀ ପାଇଁ ଏହି ପ୍ରତିଷ୍ଠାନ ବନ୍ଦ ରହିଥିବାବେଳେ ଗ୍ରାହକମାନଙ୍କର କଷ୍ଟ ଅର୍ଜିତ ଧନର ଉପଯୁକ୍ତ ଓ ନିର୍ଭରଯୋଗ୍ୟ ସେବା ଏଠାରେ ପୂର୍ବପରି ମିଳିପାରୁଛି ବୋଲି ସେ ପ୍ରକାଶ କରିଛନ୍ତି। ଠିକ୍ ମୂଲ୍ୟରେ ଉନ୍ନତମାନର ଡିଜାଇନ ଗହଣା ଯୋଗାଇ ଦେବା ସହ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ ପାଇଁ ତାଲିମ ପ୍ରଦାନ କରାଯାଇଥାଏ। ଉତ୍ତମ ସେବା, ଉପଯୁକ୍ତ ମୂଲ୍ୟ, ଶୁଦ୍ଧତା ଓ ବିଶ୍ୱାସ ଅତୁଟ ରଖିବାକୁ ସେ ଏହି ଅବସରରେ ସୂଚନା ଦେଇଛନ୍ତି।

# ବିଶ୍ୱବିଦ୍ୟାଳୟରେ 'ଆମ ଚା' ଖଟି'




ଆମ ଚା' ଖଟି' ଉଦ୍‌ଘାଟନ ଅବସରରେ ଉପସ୍ଥିତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୨।୧୨**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଆମ ଚା' ଖଟି' ନାମରେ ଗୋଟିଏ ଅନୁଷ୍ଠାନ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବୁଧବାର ଏହାର ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରକୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରହୁଥିବା ୬ଟି ଛାତ୍ରାବାସ ଓ ଛାତ୍ରୀନିବାସର ଅନ୍ତେବାସୀ ଓ ଅନ୍ତେବାସିନୀମାନେ ପରିଚାଳନା କରୁଛନ୍ତି। ପ୍ରତ୍ୟେକ ମାସ ଗୋଟିଏ ଛାତ୍ରାବାସର ପାଳି ପଡ଼ିବ। ନିଜେ ପରିଚାଳନା କରୁଥିବା ପ୍ରତିଟି ସାମଗ୍ରୀର ଦାମ୍ କମ୍ ରହିବ ଏବଂ ତାର ମାନ ସ୍ୱାସ୍ଥ୍ୟ ଉପଯୋଗୀ ହୋଇପାରିବ। ପ୍ରତିଟି ଛାତ୍ରାବାସ ସେମାନଙ୍କ ଛାତ୍ରୀଛାତ୍ର କମିଟିମାନଙ୍କ ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ କିସମର ଖାଦ୍ୟସାମଗ୍ରୀ ପ୍ରସ୍ତୁତି କରିବେ ଏବଂ ବର୍ଷ ଶେଷରେ ସେମାନଙ୍କ ଭିତରୁ ଶ୍ରେଷ୍ଠ ବିବେଚିତ ଛାତ୍ରାବାସ/ଛାତ୍ରୀନିବାସକୁ ପୁରସ୍କୃତ କରାଯିବ। ଛାତ୍ରୀଛାତ୍ର ଅପରାହ୍ନ ୫ରୁ ୬ଟା ୩୦ମିନିଟ୍ ପର୍ଯ୍ୟନ୍ତ ଏହା ପ୍ରସ୍ତୁତ କରିବେ ଏବଂ ତାହାର ବିକ୍ରୟ କରିବେ। ଅବସର ସମୟର ଗଠନମୂଳକ ସଦୁପଯୋଗ ତଥା ଦଳଗତ ପ୍ରୟାସକୁ ଏପରି ଭାବେ ଆନୁଷ୍ଠାନିକ ରୂପ ଦିଆଯାଇଛି। ଏହି ଉଦ୍‌ଘାଟନ ପର୍ବରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଳସଚିବ କୁଙ୍କୁମୀନା ଦାସ, ବିତ୍ତ ନିୟନ୍ତ୍ରକ ମାନସ କୁମାର ପାତ୍ର, ୱାର୍ଡେନ୍ ପ୍ରଫେସର ଅନୀଲ କୁମାର ମହାପାତ୍ର, ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଯୋଗଦେଇ କାଉଣ୍ଟରରୁ ଟୋକନ୍ କାଟି ବିଭିନ୍ନ ଜଳଖିଆ କିଣି ଖାଇଥିଲେ। ପ୍ରଥମ ଛାତ୍ରନିବାସର ସୁପରିଣ୍ଟେଣ୍ଡେଣ୍ଟ ରାମକୃଷ୍ଣ ପ୍ରଧାନ, ଡ. ମିହିର ଚିନ୍ମୟ ଦାସ ତଥା 'ଆମ ଚା' ଖଟି'ର କଥା ବୁଝିଥିବା ଛାତ୍ରମାନଙ୍କ ସହ କେୟାର ଟେକରଙ୍କୁ ପ୍ରଶଂସା କରିଥିଲେ।

# ବଜାରରୁ ଚୋରି

**ଭଣ୍ଡାରିପୋଖରୀ, ୨।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାର ନିକଟରେ ଥିବା ଏକ ମାର୍ବଲ ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୋକାନ ଘର ସଟର ଭାଙ୍ଗି ଚୋର ମାନେ ଟାଇଲ ପେଟି ସହିତ ଅନ୍ୟାନ୍ୟ ଜିନିଷକୁ ଚୋରି କରିନେଇଛନ୍ତି। ଏନେଇ ଗୁରୁବାର ଦୋକାନ ମାଲିକ ମାନସ ରଞ୍ଜନ ଖଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ରାସ୍ତା ପାଇଁ ଜବରଦଖଲ ଉଚ୍ଛେଦ

**ଭୋଗରାଇ, ୨।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଏକ ନୂତନ ଅବକାରୀ କାର୍ଯ୍ୟାଳୟ ଖୁବ୍‌ଶୀଘ୍ର ନିର୍ମାଣ ହେବାକୁ ଯାଉଛି। ଏଥିନିମନ୍ତେ ଦେହୁର୍ଦ୍ଦା ପଞ୍ଚାୟତ ପୂର୍ବ ବନାବସାଣ ଗ୍ରାମ ପଚ୍ଛପଟ ବାଲିଆଡ଼ିଆ ରାସ୍ତାକୁ ଜବରଦଖଲକାରୀଙ୍କଠାରୁ ରାଜସ୍ୱ ବିଭାଗ ଜେସିବି ମେସିନ ଲଗାଇ ଉଚ୍ଛେଦ କରୁଛି। ଭୋଗରାଇ ତହସିଲ ପକ୍ଷରୁ ଜାଗା ଚିହ୍ନଟ ପରେ ରାସ୍ତା ପାଇଁ ବାଟ ଫିଟିଛି। ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାକୁ ସଂଯୋଗ କରୁଥିବା ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜାଗାରେ ଘରଦ୍ୱାର ନ ଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇନାହିଁ।

# ଏନ୍‌କାଉଣ୍ଟର ପରେ ଥାନା ଅଧିକାରୀଙ୍କ ବଦଳି

**ଭଦ୍ରକ ଅଫିସ, ୨।୧୨**

ଭଦ୍ରକ ସହରରେ ଦିନକୁ ଦିନ ଅପରାଧିକ ମାମଲା ବଢ଼ିବାରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ଗ୍ରାମାଞ୍ଚଳ ଥାନାଧିକାରୀ ଆଲୋକ କୁମାର ଜେନା ଲଗାତାର ୩ଟି ଏନକାଉଣ୍ଟର କରି ଅପରାଧୀଙ୍କୁ ଚ୍ୟାଲେଞ୍ଜ ଦେବାରେ ଲାଗିଥିଲେ। ଫଳରେ ଅପରାଧୀକ ମାମଲା ନିୟନ୍ତ୍ରଣ ହେବ ବୋଲି ଆଶା କରାଯାଉଥିଲା। ହେଲେ ବୁଧବାର ଜିଲା ମୁଖ୍ୟାଳୟରୁ ଏକ ବଦଳି ତାଲିକା ପ୍ରକାଶ ପାଇଛି। ଯେଉଁଥିରେ ଥାନାଧିକାରୀ ଜେନାଙ୍କୁ ଗ୍ରାମାଞ୍ଚଳ ଥାନାରୁ ବଦଳି କରାଯାଇ ଜିଲା ମୁଖ୍ୟାଳୟକୁ ନିଆଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ଅପରାଧ ନିୟନ୍ତ୍ରଣ ପାଇଁ ଜିଲା ମୁଖ୍ୟାଳୟ ଚାହୁଁନାହିଁ। ସେହିଭଳି ବାସୁଦେବପୁର ଥାନାଧିକାରୀ ଗୌରାଙ୍ଗ ଚରଣ ସାହୁଙ୍କୁ ପୁରୁଣାବଜାର, ପୁରୁଣାବଜାର ଥାନାଧିକାରୀ ପ୍ରକାଶ ଚନ୍ଦ୍ର ପୃଷ୍ଟିଙ୍କୁ ଧୂଷୁରୀ, ଭଣ୍ଡାରିପୋଖରୀ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ଗ୍ରାମାଞ୍ଚଳ ଥାନାଧିକାରୀ ଭାବେ ବଦଳି କରାଯାଇଛି। ସେହିଭଳି ଜିଲା ମୁଖ୍ୟାଳୟରେ ଥିବା ଶ୍ରୀବଲ୍ଲଭ ସାହୁ, ଅମିତ କୁମାର ଭୂୟାଁ, ଅମିତାଭ ଦାସଙ୍କୁ ଧାମନଗର, ବାସୁଦେବପୁର, ଭଣ୍ଡାରିପୋଖରୀ ବଦଳି କରାଯାଇଥିବା ବେଳେ ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂଙ୍କୁ ଚୂଡ଼ାମଣି ସାମୁଦ୍ରିକ ଥାନାକୁ ବଦଳି କରାଯାଇଛି। ଏନେଇ ଡିଏସ୍‌ପି କମଳ ଲୋଚନ ଭୂୟାଁ କୁହନ୍ତି ବ୍ୟକ୍ତିଗତ ସମସ୍ୟା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ବଦଳି କରାଯାଇଛି।

# ଗଣମାଧ୍ୟମକୁ ଅବହେଳା ଅଭିଯୋଗ



ସିମୁଳିଆ ପ୍ରେସ କ୍ଲବ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସିମୁଳିଆ, ୨।୧୨(ଡି.ଏନ.ଏ.)**

ସିମୁଳିଆ ବ୍ଲକ ପ୍ରଶାସନ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଗଣମାଧ୍ୟମକୁ ଅବହେଳା ପ୍ରଦର୍ଶନ ସମ୍ପର୍କରେ ସିମୁଳିଆ ପ୍ରେସ କ୍ଲବ ପକ୍ଷରୁ ଗୁରୁବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ଏକ ଦାବିପତ୍ର ତହସିଲଦାର ରବିନାରାୟଣ ସାହୁଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବିଭିନ୍ନ ବିଭାଗୀୟ ଅଧିକାରୀ ନିଜର ଦୋଷ ଦୁର୍ବଳତାକୁ ଲୁଚାଇ ରଖିବା ପାଇଁ ଗଣମାଧ୍ୟମକୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପୂର୍ବରୁ ସୂଚନା ନ ଦେବା, ଫୋନ ନ ଉଠାଇବା, ତଥ୍ୟ ନ ଦେବା ପରି ଅବହେଳା ପ୍ରଦର୍ଶନ କରୁଛନ୍ତି। ଏ ସମ୍ପର୍କରେ ପ୍ରେସ କ୍ଲବର ସଭାପତି ଭରତଚନ୍ଦ୍ର ଦାଶଙ୍କ ସମେତ ସନ୍ତୋଷ କୁମାର ନାୟକ, ଗଦାଧର ଜେନା, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପର୍ଶୁରାମ ମହାନ୍ତି, କୃଷ୍ଣଚନ୍ଦ୍ର ଭୂୟାଁ, ଉମାକାନ୍ତ ସେଠୀ, ଯାଦବାନ୍ଦ ଦାସ, ସାବିର ଅଲି, ସାମନ୍ତ ସ, ରାଜକିଶୋର ମଲିକ, ଭଗବାନ ବାରିକ ପ୍ରମୁଖ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ବିଭିନ୍ନ ଅଧିକାରୀଙ୍କ ସମେତ ଲୋକପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ସୁପାରିକିଲରଙ୍କ ସମେତ ୩ ଗିରଫ

## ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା

**ରାଇରଙ୍ଗପୁର,୨।୧୨(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଗୁଣି ଗାରେଡ଼ି ସନ୍ଦେହରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଦୁର୍ବୃତ୍ତଙ୍କ ଆକ୍ରମଣରେ ମାନସିଂ ସୋରେନଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ସାଲମଣି ଗୁରୁତର ହୋଇଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଚଳାଇ ୨ସୁପାରିକିଲରଙ୍କ ସମେତ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୃତ ମାନସିଂଙ୍କ ବଡ଼ଭାଇ ସୁବଳ ସୋରେନଙ୍କ ଜ୍ୱାଇଁ ଯାମଦା ଥାନା ଅଞ୍ଚଳର ଜିତେନ ବେଶ୍ରା ଏବଂ ୨ ସୁପାରିକିଲର ଝାଡ଼ଖଣ୍ଡ ରାଜ୍ୟ ମଞ୍ଜରୀ ଥାନା ଅଞ୍ଚଳର ଲାଲସିଂ ବୋଇପାଇ ଏବଂ ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ଅଞ୍ଚଳର ପ୍ରେମଚାନ୍ଦ ବିରୁଆ। ସେମାନଙ୍କଠାରୁ ଗୋଟିଏ ରିଭଲଭର, ୨ ଜୀବନ୍ତ ଗୁଳି, କଟୁରୀ, କୁରାଢ଼ି ଏବଂ ବ୍ୟବହୃତ ଏକ ବାଇକ୍ ଜବତ ହୋଇଛି।

ଅଭିଯୁକ୍ତ ଜିତେନଙ୍କ ଶ୍ୱଶୁର ସୁବଳ ସୋରେନଙ୍କ ଗତ ମେ ମାସରେ ମୃତ୍ୟୁ ଘଟିଥିଲା। ତାଙ୍କୁ ଗୁଣି ଗାରେଡ଼ି କରି ସାନଭାଇ ମାନସିଂ ମାରିଥିବା ଜ୍ୱାଇଁ ଜିତେନ ସନ୍ଦେହ କରି ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ କହିଛି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଯୋଡ଼ା,୨।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୁଲଡୁମ ଅଞ୍ଚଳର ଅମିୟ ରଞ୍ଜନ ମହାନ୍ତ। ପୋଲିସ ଏକ ବଳାତ୍କାର ମାମଲା (ନଂ.୧୯୭/୨୨) ରୁଜୁ କରି ପୋକ୍ସୋ ଆକ୍ଟରେ ଅଭିଯୁକ୍ତ ଅମିୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ ସୂଚନା ଦେଇଛନ୍ତି।

# ବେଆଇନ ଗାଡ଼ିରୁ ଜରିମାନା

**ପାଟଣା, ୨।୧୨(ସ୍ୱ.ପ୍ର.)**

କେନ୍ଦୁଝରଜିଲା ପାଟଣା ତହସିଲ ବାଉଁଶୁଳି ଦେଇ ଯାଇଥିବା ୪୯ ନମ୍ବର ଏନ୍‌ଏଚ୍‌ର ବାଉଁଶୁଳି ଛକ ନିକଟରୁ ଗୁରୁବାର ବେଆଇନ ଭାବେ ଚିପ୍ସ ବୋଝେଇ ନେଇ ଯାଉଥିବା ହାଇୱାକୁ ଜବତ କରିବା ସହ ଡୁରୁମୁଙ୍ଗା ରାଜସ୍ୱନିରୀକ୍ଷକ ଅନ୍ତର୍ଗତ ଝାରବେଡା ନେଉଳଯୋଡି ନାଳରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ ଜବତ କରିଛନ୍ତି। ହାଇୱାରୁ ୫୦ହଜାର ଟଙ୍କା ଓ ଟ୍ରାକ୍ଟରରୁ ୧୦ ହଜାର ୧୨୦ ଟଙ୍କା ଜରିମାନା ଆଦାୟ କରିଛନ୍ତି।

# 'ଜୀବନରେ କ୍ରୀଡ଼ାର ଆବଶ୍ୟକତା ଜରୁରୀ'

## ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାରିପଦା ଅଫିସ,୨।୧୨**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ କଲେଜର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ଓ ଉଦଳା ମହାବିଦ୍ୟାଳୟ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ୩-୧ରେ ଉଦଳା ମହାବିଦ୍ୟାଳୟକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ସଂସଦର ଉପସଭାପତି ଡ.ବିଶ୍ୱଜିତ ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ଯୋଗଦେଇ ପ୍ରତ୍ୟେକ ମଣିଷ ଜୀବନରେ କ୍ରୀଡ଼ାର ଆବଶ୍ୟକତା ରହିଛି। କ୍ରୀଡ଼ା ମାଧ୍ୟମରେ ଶରୀର ସୁସ୍ଥ ରୁହେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳସଚିବ ସହଦେବ ସମାଧିଆ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ, ବିତନିୟନ୍ତ୍ରକ ଶୁକଦେବ ତରାଇ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଡ.କବିତା ସାହୁ, ଡ.ପୁଷ୍ପାଞ୍ଜଳି ପାତ୍ର, କ୍ରୀଡ଼ା ସଂସଦର ସମ୍ପାଦକ ଇନ୍ଦ୍ରଜିତ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାଣିଜ୍ୟ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଡ.ସ୍ମୃତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଫାଇନାଲ ଖେଳରେ ଦୁଇ ମହାବିଦ୍ୟାଳୟର ଖେଳାଳି।

# 'ଶାରୀରିକ, ମାନସିକ ସୁସ୍ଥତା ଆଣେ କ୍ରୀଡ଼ା'

**ବାଲେଶ୍ୱର ଅଫିସ, ୨।୧୨**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗୁରୁବାର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଡିଏସ୍‌ପି ଗାୟତ୍ରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶାରୀରିକ ଓ ମାନସିକ ସୁସ୍ଥତା କ୍ଷେତ୍ରରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠାନର ଏକ ସାଂସ୍କୃତିକ ପରମ୍ପରା, ଏହି ପରମ୍ପରାକୁ କାର୍ଯ୍ୟକାରୀ କରି ଉତ୍କୃଷ୍ଟ ପ୍ରଦର୍ଶନକାରୀ ଖେଳାଳି ଚୟନ ଓ ଉପଯୁକ୍ତ କ୍ଷେତ୍ର ଯୋଗାଣ ଉପରେ ଗୁରୁତ୍ୱ ଦିଆଯିବା ଲକ୍ଷ୍ୟ ରହିଛି ବୋଲି ପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ କ୍ରୀଡ଼ା କ୍ଷେତ୍ରରେ ପ୍ରତିଭା ବିକାଶ ପାଇଁ ଛାତ୍ରୀଛାତ୍ର ଏଥିରେ



ଅତିଥିଙ୍କ ଗହଣରେ ଖେଳାଳି।

ଅଂଶଗ୍ରହଣ କରିବା ଉଚିତ୍ ବୋଲି କହିଥିଲେ। କୁଳସଚିବ କୁଙ୍କୁମୀନା ଦାସ ଦୀର୍ଘସମୟ ବ୍ୟବଧାନ ପରେ ଏହି ବାର୍ଷିକ କ୍ରୀଡ଼ା ସମାରୋହ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭରପୁର ଉତ୍ସାହ ରହିଛି। ନୂତନ ପ୍ରତିଭାମାନଙ୍କୁ ଖୋଜି ବାହାର କରିବା କ୍ଷେତ୍ରରେ ଏହା ସହାୟକ ହୋଇପାରିବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ବିତ୍ତ ଅଧିକାରୀ ମାନସ ରଞ୍ଜନ ପାତ୍ର ପ୍ରତିନିଧିସ୍ତରୀୟ ଖେଳାଳି ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ଦେବାର ପ୍ରାସଙ୍ଗିକତା ସମ୍ପର୍କରେ ମତ ଦେଇଥିଲେ। କ୍ରୀଡ଼ା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇ ଓ ମୋତି ପଙ୍କମ୍ ଖେଳରେ ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ କ୍ରୀଡ଼ା ପରିଷଦର ଉପସଭାପତି ତ୍ରିଲୋଚନ ସ୍ୱାଇଁ ଔପଚାରିକ ଦାୟିତ୍ୱ ସମ୍ପନ୍ନ କରିବା ପରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଶେଷରେ କୃତି ଖେଳାଳିଙ୍କୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା। ୩ ଓ ୪ ତାରିଖରେ ଗୃହ ପରିସର ମଧ୍ୟସ୍ଥ ଅନ୍ୟାନ୍ୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

